# ଉପ-ବାଚସ୍ପତିଙ୍କ ଦ୍ୱାରା ଅନୁଗୋଳ ସହରର ଗରିବ ଅସହାୟମାନଂକୁ ଖାଦ୍ୟ ବଣ୍ଟନ ।

ଅନୁଗୋଳ ୮.୫ :- ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭୁତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ସରକାର ତାଲା ବନ୍ଦ କଟକଣା ଜାରି କରିଛନ୍ତି । ଏହି ତାଲା ବନ୍ଦ କଟକଣା ଯୋଗୁଁ ଅନେକ ଗରିବ ଓ ଅସହାୟ ଲୋକ ସେମାନଂକର ଜିବିକା ହରାଇଛନ୍ତି । ଏହିଭଳି ଘଡି ସନ୍ଧି ମୁହୁର୍ତ୍ତରେ ସଠିକ୍ ମୁକାବିଲା ନିମନ୍ତେ ରାଜ୍ୟ ସରକାର ଅନେକ ଫଳପ୍ରଦ ପଦକ୍ଷେପ ନେଉଛନ୍ତି । ଅନୁଗୋଳ ସହରରେ ରହୁଥିବା ଗରିବ ଓ ଅସହାୟମାନଂକୁ ବଦାନ୍ୟ ବ୍ୟକ୍ତିମାନଂକ ଦ୍ୱାରା ପୌରପାଳିକା ମାଧ୍ୟମରେ ଖାଦ୍ୟ ଯୋଗାଇ ଦିଆଯାଉଛି । ଏହିଭଳି ମହତ୍ ଓ ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ନିଜେ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭାର ଉପ-ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ସହଯୋଗର ହାତ ବଢାଇଛନ୍ତି । ଅନୁଗୋଳ ପୌରପାଳିକା ମାଧ୍ୟମରେ ଚଳିତ ମାସ ୫ ତାରିଖ ଠାରୁ ପ୍ରତ୍ୟହ ସକାଳେ ୧୫୦ ଜଣ ଓ ରାତିରେ ୧୫୦ ଜଣ ଗରିବ ଓ ଅସହାୟମାନଂକୁ ଉପ-ବାଚସ୍ପତିଂକ ନିଜସ୍ୱ ଉଦ୍ୟମରେ ଖାଦ୍ୟ ବିତରଣ କରାଯାଉଛି । ଏହିଭଳି ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଜିଲ୍ଲାର ବଦ୍ୟନ୍ୟ ବ୍ୟକ୍ତିମାନେ ସହଯୋଗର ହାତ ବଢାଇବାକୁ ଉପ-ବାଚସ୍ପତି ଆହ୍ୱାନ କରିଛନ୍ତି ।


18C
7394


3329